ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Labour and ESI(Od)/496/01-07-2024

## ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଗ୍ୟାସ୍ ଲିକ୍ ଘଟଣାର ତଦନ୍ତ ନିର୍ଦ୍ଦେଶ

### ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ତଦନ୍ତ କରିବେ : ଶ୍ରମମନ୍ତ୍ରୀ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ

ଭୁବନେଶ୍ୱର, ତା ୦୧.୦୭.୨୦୨୪

ରାଉରକେଲା ଷ୍ଟିଲ ପ୍ଲାଣ୍ଟର ବ୍ଲାଷ୍ଟ ଫର୍ଣ୍ଣେନ୍ସରେ ଗ୍ୟାସ୍ ଲିକ୍ ଯୋଗୁଁ ୯ ଜଣ ଆହତ ହେବା ଏକ ଅଭାବନୀୟ ଓ ଦୁର୍ଭାଗ୍ୟଜନକ ଅଘଟଣ । ଏହି ଘଟଣାରେ ଭୁଲ ଓ ଅବହେଳା ଥିଲେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରକାଶ କରିଛନ୍ତି । ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଏ ସମ୍ବନ୍ଧରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ପ୍ଲାଣ୍ଟର (୫ ନମ୍ବର) ବ୍ଲାଷ୍ଟ ଫର୍ଣ୍ଣେନ୍ସରେ ଆଜି ପୂର୍ବାହ୍ନ ୧୦ଟା ୧୫ ମିନିଟ୍‌ରେ ଗ୍ୟାସ୍ ଲିକ୍ ହୋଇଥିଲା । ଏଥିରେ ୯ ଜଣ ଶ୍ରମିକ (୩ ଜଣ ନିୟମିତ ଓ ୬ ଜଣ ଠିକା ଶ୍ରମିକ) ଆହତ ହୋଇଥିଲେ । ଡେପୁଟି ଡାଇରେକ୍ଟର ଓ ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ୍ ଫାକ୍ଟ୍ରିଜ୍ ଓ ବଏଲରସ୍ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ । ଆହତ ୯ ଜଣଙ୍କୁ ତତ୍‌କ୍ଷଣାତ୍ ଷ୍ଟିଲ୍ ପ୍ଲାଣ୍ଟର ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା । ତନ୍ମଧ୍ୟରୁ ଜଣଙ୍କୁ ଅକ୍ସିଜେନ୍ ଦେବା ପରେ ଛାଡ଼ି ଦିଆଯାଇଥିଲା ଓ ଅନ୍ୟ ୮ ଜଣଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ୭ ଜଣ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ । ତେବେ ସେମାନେ ଆଇସିୟୁରେ ଅଛନ୍ତି ଓ ଅକ୍ସିଜେନ୍ ଦିଆଚାଲିଛି । ଡେପୁଟି ଡାଇରେକ୍ଟର ଅଫ୍ ଫାକ୍ଟ୍ରିଜ୍ ଓ ବଏଲରସ୍ ଶ୍ରୀ ବିଭୁ ପ୍ରସାଦ ଜଣାଇଛନ୍ତି ଯେ ଅନ୍ୟ ଜଣେ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି । ଡାଇରେକ୍ଟର ଅଫ୍ ଫାକ୍ଟ୍ରିଜ୍ ଓ ବଏଲରସ୍ ଅନୁସନ୍ଧାନ କରି ଶ୍ରମ ବିଭାଗର ପ୍ରମୁଖ ସଚିବଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ମାନସ ରଂଜନ ଖୁଣ୍ଟିଆ
ସୂଚନା ଅଧିକାରୀ